# ଅଲ୍ ଓଡିଶା ୟୁନିୟନ୍ ବ୍ୟାଙ୍କ୍ ଏମ୍ପ୍ଲୋୟିଜ୍ ଆସୋସିଏସନ

(AIUBEF ସହ, ଏବଂ AOBEF ମାଧ୍ୟମରେ BEFI ସହ, ଅନୁବନ୍ଧିତ); ସ୍ଥାପିତ - ୦୭-୦୮-୧୯୭୭

ମୁଖ୍ୟ କାର୍ଯ୍ୟାଳୟ - ମାର୍ଫତ୍ ୟୁନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା, ୩/୧-ଏ, ସିଭିକ୍ ସେଣ୍ଟର,

ଆଇ.ଆର୍.ସି. ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର

e-mail :- aoubea@gmail.com, Website : www.aoubea.org

=====================================================================

ଭୁବନେଶ୍ୱର ତାରିଖ:-୨୪.୧୧.୨୦୧୯

ପରିପତ୍ର ସଂଖ୍ୟା ୨୩ / ୨୦୧୯

**ଶାଖା ମାନଙ୍କରେ ବ୍ୟବସାୟ ସମୟ : -** କମ୍ରେଡ୍, ଆମ ବ୍ୟାଙ୍କର ସେଣ୍ଟ୍ରାଲ ଅଫିସ ସାର୍କୁଲାର ସଂଖ୍ୟା ଅନୁସାରେ ଶାଖା ମାନଙ୍କରେ ବ୍ୟବସାୟ 1768 ସମୟ କୁ ନେଇ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହା ଆମ ମନରେ ଅନେକ ପ୍ରଶ୍ନ ବାଚି ସୃଷ୍ଟି କରିଛି। ଏହାକୁ ବିରୋଧ କରି ଆମରକେନ୍ଦ୍ରୀୟ ଫେଡରେସେନ ର ସାଧାରଣ ସମ୍ପାଦକ କମ୍ରେଡ୍ ଜଗନ୍ନାଥ ଚକ୍ରବର୍ତ୍ତୀ ତୁରନ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ଙ୍କୁ ଚିଠି ଲେଖି ଆମର ବିରୋଧାଭାଷ ଜଣାଇ ଦେଇଛନ୍ତି। ଯଦି ଶାଖା ସ୍ତରରେ ଆପଣ ମାନେ ବ୍ୟବସାୟ ସମୟକୁ ନେଇ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ତା ହେଲେ ଆପଣ କୁହନ୍ତୁ ଯେ ରିଜିଓନାଲ ଅଫିସ ଏ ପର୍ଯ୍ୟନ୍ତ ଏହା ବାବଦରେ କିଛି ଚିଠି କରିନାହିଁ ତେଣୁ ଆମେ ସେହି ପୂର୍ବ ସମୟ ଅନୁସାରେ କାମ କରିବୁ। ଏହା ପରେ ଯଦି ଆପଣ ଙ୍କ ଉପରେ ଚାପ ପଡୁଛି ଯେ ୪ ଟା ପର୍ଯ୍ୟନ୍ତ ଟଙ୍କା ଦେଣ ନେଣ କରିବା ପାଇଁ ତାହେଲେ ତୁରନ୍ତ ହେଡ କ୍ୱାର୍ଟର ସହିତ ଯୋଗାଯୋଗ କରନ୍ତୁ।

**ସ୍ପେଶାଲ ଆସିଷ୍ଟାଣ୍ଟ ପଦବୀ ପୂରଣ** : - କମ୍ରେଡ୍, ସ୍ପେଶାଲ ଆସିଷ୍ଟାଣ୍ଟ ପଦବୀ ପାଇଁ NRO ଭୁବନେଶ୍ୱର ଗତ ୨୬.୧୧.୨୦୧୯ ତାରିଖରେ ସାର୍କୁଲାର ମାଧ୍ୟମରେ ଜଣାଇଛନ୍ତି। **ଭୁବନେଶ୍ୱର ରିଜିଓନ ରେ - ବଡ଼ବିଲ ଶାଖା,ସମ୍ବଲପୁର ରିଜିଓନ ରେ - ରିଆମାଳ ଶାଖା ଓ ସମ୍ବଲପୁର ରିଜିଓନ ରେ - ମାଲକାନଗିରି ଶାଖା ପାଇଁ ଦରଖାସ୍ତ ଆହ୍ୱାନ କରିଛନ୍ତି** । ଯାଜପୁର ଶାଖାର ସ୍ପେଶାଲ ଆସିଷ୍ଟାଣ୍ଟ ସାଥୀ ସଞ୍ଜୟ ମହାନ୍ତି ଚଳିତ ମାସ ଅବସର ନେଉଛନ୍ତି। ସେହି ପଦବୀ ପାଇଁ ବଡ଼ବିଲ ଶାଖାର ସାଥୀ ସୌଭାଗ୍ୟ ରଞ୍ଜନ ବେହେରା ଙ୍କ ଅନୁରୋଧ ବଦଳି ଆଦେଶ ଓ ରିଆମାଳ ଶାଖାର ସାଥୀ ରତିକାନ୍ତ ମହାରାଜ ଙ୍କ ବଦଳି ଆଦେଶ କରିବା ପାଇଁ ରାଜ୍ୟ ସଂଗଠନ କର୍ତ୍ତୃପକ୍ଷ ଙ୍କୁ ଜଣାଇଥିଲା। ସଂଗଠନର ଦାବି ମାନିନେଇ NRO ଭୁବନେଶ୍ୱର କର୍ତ୍ତୃପକ୍ଷ ତାଙ୍କର ଅନୁରୋଧ ବଦଳି ଆଦେଶ ଜାରି କରିବାରୁ ବଡ଼ବିଲ ଶାଖା,ରିଆମାଳ ଶାଖା ଓ ଆଗରୁ ଖାଲିଥିବା ମାଲକାନାଗିରି ଶାଖା ପାଇଁ ସ୍ପେଶାଲ ଆସିଷ୍ଟାଣ୍ଟ ପଦବୀ ପୂରଣ ପାଇଁ କର୍ତ୍ତୃପକ୍ଷ ସାର୍କୁଲାର ଜାରି କଲେ। ସାଥୀଗଣ ଉପରୋକ୍ତ ୩ ଟି ପଦବୀ ଗୁଡିକ ପାଇଁ ଯେତେ ସାଥୀମାନେ ଆବେଦନ କରିବେ ସେମାନଙ୍କ ମଧ୍ୟରୁ ଯେଉଁ ସାଥୀ ଚାକିରିରେ ବରିଷ୍ଠ ଥିବେ ତାଙ୍କୁ ସେହି ପଦବୀ ପାଇଁ ଚୟନ କରାଯିବ। କାରଣ ସ୍ପେଶାଲ ଆସିଷ୍ଟାଣ୍ଟ ପଦବୀ ସମ୍ପୂର୍ଣ୍ଣ ରୂପେ ବରିଷ୍ଠତା ଆଧାରରେ ଚୟନ କରାଯାଏ।

ଏହି ପଦବୀ ପୂରଣ ପାଇଁ ସାଥୀମାନେ ଅନ୍ ଲାଇନ ରେ ଆବେଦନ କରିବେ ଓ ଏହା ସହିତ ଆବେଦନ ଫର୍ମ ସଠିକ୍ ଭାବେ ପୂରଣ କରି NRO ଭୁବନେଶ୍ୱର କୁ ପଠାଇବେ। ଆବେଦନ ପତ୍ର NRO ଭୁବନେଶ୍ୱର ରେ ପହଞ୍ଚିବାର ଶେଷ ତାରିଖ ୦୭.୧୨.୨୦୧୯ ଅଟେ।

ଅନ୍ ଲାଇନ ରେ ଆବେଦନ ଓ ଫର୍ମ ପୂରଣ କରି NRO ରେ ଡ଼ିପୋଜିଟ୍ ଉଭୟ ବାଧ୍ୟତାମୂଳକ ଅଟେ। ତେଣୁ ଯେଉଁ ସାଥୀ ମାନେ ଆଗ୍ରହୀ ଅଛନ୍ତି ତୁରନ୍ତ ଆବେଦନ କରିନିଅନ୍ତୁ।ଆବେଦନ ଫର୍ମ ର ଏକ କିତା ନକଲ ସଂଗଠନର ହେଡ କ୍ୱାର୍ଟର କୁ ପଠାଇବେ।

**ସେଣ୍ଟ୍ରାଲ କମିଟି ମିଟିଂରେ ନିଷ୍ପତି ହୋଇଥିବା ଆନ୍ଦୋଳଆତ୍ମକ ପଦକ୍ଷେପ** :- ଗତ ନଭେମ୍ବର ୧୬ ଓ ୧୭ ତାରିଖରେ ବିଜୟୱାଡା ଠାରେ ଅନୁଷ୍ଠିତ ହୋଇଥିବା ଫେଡରେସେନ ର ସେଣ୍ଟ୍ରାଲ କମିଟି ମିଟିଂ ରେ ହୋଇଥିବା ଆଲୋଚନା ର ପୁଙ୍ଖାନୁପୁଙ୍ଖ ବିବରଣୀ ଫେଡରେଶନ ତାର ସାର୍କୁଲାର ସଂଖ୍ୟା ୧୦୬ ଦ୍ୱାରା ଜଣାଇଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଙ୍କ ଆମ ଫେଡରେସେନ ପ୍ରତି ଅବହେଳା ଓ ବେପରୁଆ ମନୋଭାବର ସମସ୍ତ କମିଟି ସଦସ୍ୟ ଘୋର ନିନ୍ଦା କରିବା ସହ ବିରୋଧ ମଧ୍ୟ କରିଥିଲେ। କର୍ତ୍ତୃପକ୍ଷ କର୍ମଚାରୀ ଙ୍କ କୌଣସି ସମସ୍ୟାକୁ ଖାତିର କରୁନାହିଁ। ଓଲଟା କ୍ଷତିର ଆଳ ଦେଖାଇ କର୍ମଚାରୀଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାକୁ ବନ୍ଦ କରିବାକୁ ବାଟ ଖୋଜୁଛି ବ୍ୟାଙ୍କ କର୍ତ୍ତୃପକ୍ଷ। ଆମ ଫେଡରେସେନ ଦ୍ୱାରା ପ୍ରଦତ୍ତ କର୍ମଚାରୀ ଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ଦାବି ପତ୍ର ଉପରେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ଆଲୋଚନା କରୁନାହାନ୍ତି। ଏ ବାବଦରେ ଫେଡରେଶନ ଦ୍ୱାରା ଦିଆଯାଇଥିବା ଅନେକ ପତ୍ରର କର୍ତ୍ତୃପକ୍ଷ କୌଣସି ଉତ୍ତର ମଧ୍ୟ ଦେଉନାହାନ୍ତି। ବ୍ୟାଙ୍କ ମିଶ୍ରଣ ବାବଦରେ ମଧ୍ୟ ଉକ୍ତ ମିଟିଂ ରେ ଆଲୋଚନା ହୋଇଥିଲା ଓ ଏହାକୁ ବିରୋଧ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବ୍ୟାଙ୍କ ମିଶ୍ରଣ ଓ ଫେଡରେସେନ ସହିତ କର୍ମଚାରୀ ମାନଙ୍କ ସମସ୍ୟା ବାବଦରେ ଆଲୋଚନା,ଏହି ଦୁଇଟି ମୁଖ୍ୟ ସମସ୍ୟା ର ସମାଧାନ ନିମନ୍ତେ ବ୍ୟାଙ୍କ କର୍ତ୍ତୃପକ୍ଷ ଯେପର୍ଯ୍ୟନ୍ତ ଫେଡରେସେନ ସହିତ ସକାରାତ୍ମକ ମନୋଭାବ ସହ ଆଲୋଚନା କରିନାହାନ୍ତି ସେପର୍ଯ୍ୟନ୍ତ ଫେଡରେସେନ ର ସେଣ୍ଟ୍ରାଲ କମିଟିର ନିଷ୍ପତ୍ତି ଅନୁଯାଇ AIUBEF ର ସମସ୍ତ ସଦସ୍ୟ/ସଦସ୍ୟା ଆନ୍ଦୋଳନକୁ ଓହ୍ଲାଇବେ। ଏହି ମିଟିଂ ରେ ଆମ ରାଜ୍ୟରୁ ୪ ଜଣ କମ୍ରେଡ଼ ଯୋଗ ଦେଇଥିଲେ। ସାଥୀ ପ୍ରଦୀପ ଷଡଙ୍ଗୀ(ଫେଡରେଶନ ର ସେଣ୍ଟ୍ରାଲ କମିଟି ସଦସ୍ୟ ),ସାଥୀ ଅଜୟ କୁମାର ମହାନ୍ତି (ଫେଡରେଶନ ର ଉପ ସଭାପତି ), ସାଥୀ ସରୋଜ କୁମାର ନାୟକ ( ଫେଡରେଶନ ର ଉପ ସାଧାରଣ ସମ୍ପାଦକ ) ଓ ଜଣେ ମହିଳା ସାଥୀ ନିଶାତ୍ ଇକବାଲ (ଓମେନ୍ ସବ କମିଟି ପ୍ରତିନିଧି) । ଚାରିଜଣ କମ୍ରେଡ୍ ସେହି ଆଲୋଚନା ରେ ଭାଗ ନେଇ ନିଜର ମତାମତ ରଖିଥିଲେ ଓ ରାଜ୍ୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଫେଡରେସେନ ର କର୍ମକର୍ତ୍ତା ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଫେଡରେସେନ ର ଆନ୍ଦୋଳଆତ୍ମକ କାର୍ଯ୍ୟକ୍ରମ ନିମ୍ନରେ ଦିଆଗଲା।

୧ ) ୧୨-୧୨-୨୦୧୯ ତାରିଖ ଦିନ ସାରା ଭାରତରେ ଥିବା ସମସ୍ତ ସଦସ୍ୟ/ସଦସ୍ୟା ମାନେ ନିଜ ଶାଖା ସ୍ତରରେ ସ୍ମାରକପତ୍ର ପ୍ରଦାନ କରିବେ।

୨ )  ୨୧-୧୨-୨୦୧୯ ତାରିଖ ଦିନ ସମସ୍ତ ଏଫ ଜି ଏମ ଓ ଓ ଆର ଓ (FGMO/RO) ଆଗରେ ବିକ୍ଷୋଭ ପ୍ରଦର୍ଶନ।

୩ )  ୦୨-୦୧-୨୦୨୦ ତାରିଖ ଦିନ ସମସ୍ତ ସଦସ୍ୟ/ସଦସ୍ୟା ମାନେ ବେଜ ପିନ୍ଧିବେ।

୪ )  ୨୧-୦୧-୨୦୨୦ ରାଜ୍ୟ ସ୍ତରୀୟ ଧାରଣା ପ୍ରଦର୍ଶନ ସମସ୍ତ ଏଫ ଜି ଏମ ଓ ଓ ଆର ଓ (FGMO/RO) ଆଗରେ।

ଏତଦବ୍ୟତୀତ ନିମ୍ନ ଲିଖିତ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ମଧ୍ୟ ନିଆଯାଇଛି।

- ହାଇ ପ୍ରୋଭିଜନ କରି ଆମ ବ୍ୟାଙ୍କ ର ଲଗାତାର କ୍ଷତି କରିବାର କାରଣ କଣ, ଆମ କେନ୍ଦ୍ରିୟ ଫେଡରେସେନ ସହିତ ଆଲୋଚନା ନକରିବା, ରିଜର୍ଭ ବ୍ୟାଙ୍କ ଦ୍ୱାରା କରା ଯାଇଥିବା ୫ କୋଟିର ଜୋରିମାନା ଓ ଆମ ବ୍ୟାଙ୍କ ସହିତ ଆନ୍ଧ୍ର ବ୍ୟାଙ୍କ ଓ କର୍ପୋରେସନ ବ୍ୟାଙ୍କର ମିଶ୍ରଣ ଏହିପରି ଆହୁରି ଅନେକ ସମସ୍ୟାକୁ ଏକ ସାଧା କାଗଜରେ ଉଲ୍ଲେଖ କରି ସଦସ୍ୟ/ସଦସ୍ୟା ମାନେ ଶାଖା ସ୍ତରରେ ନିଜ ସ୍ୱାକ୍ଷର ଥାଇ ଶାଖା ପରିଚାଳକଙ୍କୁ ଏମ ଡ଼ି ଙ୍କ ଉଦେଶ୍ୟରେ ପ୍ରଦାନ କରିବା।
- ଫେବୃଆରୀ ମାସରେ ଚେନ୍ନାଇ ଠାରେ ସର୍ବ ଭାରତୀୟ ମହିଳା ସମ୍ମିଳନୀ ର ଆୟୋଜନ।
- ଯୁବ ସଦସ୍ୟ/ସଦସ୍ୟା ମାନଙ୍କୁ ନେଇ ଓଡ଼ିଶାରେ ସର୍ବ ଭାରତୀୟ ସମାବେଶ ର ଆୟୋଜନ।
- ଆମ ଫେଡରେସନ ରେ ଥିବା ଭୂତପୂର୍ବ ସୈନିକ ସଦସ୍ୟ ମାନଙ୍କୁ ଇ ଉତ୍ତର ପ୍ରଦେଶରେ ଏକ ସର୍ବ ଭାରତୀୟ ସମାବେଶର ଆୟୋଜନ।

ଏଥି ସହିତ ଏହା ମଧ୍ୟ ନିଷ୍ପତ୍ତି ହେଲା ଯେ ବ୍ୟାଙ୍କ ମ୍ୟାନେଜମେଣ୍ଟ ଦ୍ୱାରା ଆଗକୁ ହେବାକୁ ଥିବା କୌଣସି ବି ସଭା ଓ ସମାବେଶରେ ଆମେ ଅପରାହ୍ନ ୫ : ୦୦ ପରେ ଯୋଗ ଦେବା ନାହିଁ।

ଇତି ମଧ୍ୟରେ ଆମ କେନ୍ଦ୍ରିୟ ଫେଡରେସେନ ଆନ୍ଦୋଳନ ର ପ୍ରଥମ କାର୍ଯ୍ୟକ୍ରମ ଆସନ୍ତା ୧୨ ତାରିଖ ଦିନ ଏମ ଡ଼ି ଙ୍କ ଉଦେଶ୍ୟରେ ଶାଖା ପରିଚାଳକଙ୍କୁ ଦେବାକୁ ଥିବା ଜ୍ଞାପନ (ମେମୋରେଣ୍ଡମ) ପଠାଇଛନ୍ତି।

ଆମର ଆଶା ଆପଣ ମାନେ ସଂଗଠନର ଜଣେ ଜଣେ ଲଢୁଆ ସାଥୀ ଭାବେ ଉକ୍ତ ଜ୍ଞାପନ (ମେମୋରେଣ୍ଡମ) କୁ ସମ୍ପୂର୍ଣ୍ଣ ଭାବେ ପୂରଣ କରି ଶାଖାରେ ଥିବା ସମସ୍ତ ସଦସ୍ୟ/ସଦସ୍ୟା ଙ୍କ ସ୍ୱାକ୍ଷର ସହିତ ଶାଖା ପରିଚାଳକଙ୍କୁ ଦେବେ ଏବଂ ତାଙ୍କ ଠାରୁ ଅନ୍ୟ ଏକ ନକଲ ରେ ଗ୍ରହଣ କରିଛନ୍ତି ବୋଲି ସ୍ୱାକ୍ଷର କରି ନିଜେ ରଖିବେ। ଏହାର ଏକ ପ୍ରତି କପି ରାଜ୍ୟ ସଂଗଠନର ହେଡ କ୍ୱାର୍ଟର କୁ ପଠାଇବେ। ଯଦି କୌଣସି ଶାଖାରେ ଶାଖା ପରିଚାଳକ ସ୍ୱାକ୍ଷର ନ କରନ୍ତି ତେବେ ଆପଣ ମାନେ ନିଜେ ସେଥିରେ ଲେଖିବେ ଯେ ଶାଖା ପରିଚାଳକ ଦସ୍ତଖତ କଲେନାହିଁ ,ତାର ପ୍ରତି କପି କୁ ମଧ୍ୟ ରାଜ୍ୟ ସଂଗଠନର ହେଡ କ୍ୱାର୍ଟର କୁ ପଠାଇବେ।

କେନ୍ଦ୍ରିୟ ଫେଡେରେସେନ ଦେଇଥିବା ଜ୍ଞାପନ (ମେମୋରେଣ୍ଡମ) ର ଏକ କପି ନିମ୍ନ ରେ ସଂଲଗ୍ନ କରାଗଲା ।

**ଆ ଇ. ଆର. ମିଟିଂ : -** ଗତ ୨୭ତାରିଖରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଠାରେ ଭୁବନେଶ୍ୱର କ୍ଷେତ୍ର ପାଇଁ ଆଇ ୨୦୧୯.୧୧.୦ ଆର. ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂଗଠନ ତରଫରୁ ସଭାପତି ସାଥୀ ଉପେନ୍ଦ୍ର ମହାନ୍ତି, ଉପସଭାପତି ସାଥୀ ପ୍ରଦୀପ ଷଡଙ୍ଗୀ,ସାଧାରଣ ସମ୍ପାଦକ ସାଥୀ ଅଜୟ କୁମାର ମହାନ୍ତି,ଉପ ସାଧାରଣ ସମ୍ପାଦକ ସାଥୀ ସରୋଜ କୁମାର ନାୟକ,ସଙ୍ଗଠନ ସମ୍ପାଦକ ସାଥୀ ବଳରାମ ମହନ୍ତ,ସହ ସମ୍ପାଦକ ସାଥୀ ସୁଷମା ଦୋରା ଓ କୋଷାଧକ୍ଷ ସାଥୀ ସୁରେଶ ଚନ୍ଦ୍ର ନାୟକ ପ୍ରଭୃତି ଯୋଗଦେଇଥିଲେ। କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରଯାଇଥିଲା ।

**ସାଥୀଙ୍କ ଅବସର : -** ଅନୁଗୁଳ ଶାଖାର ହେଡ କ୍ୟାସିୟର ସାଥୀ ଧୋବେଇ ପ୍ରଧାନ ୩୧ତାରିଖରେ ଚାକିରିରୁ ଅବସର ନେଇଛନ୍ତି ୨୦୧୯.୧୦., ଯାଜପୁର ଶାଖାର ସ୍ପେଶିଆଲ ଆସିଷ୍ଟାଣ୍ଟ ସାଥୀ ସଞ୍ଜୟ କୁମାର ମହାନ୍ତି ୩୦ତାରିଖରେ ଚାକିରିରୁ ଅବସର ନେଇଛନ୍ତି ୨୦୧୯.୧୧.। ସାଥୀ ଦ୍ୱୟ ଙ୍କୁ ସଂଗଠନ ତରଫରୁ ଅନେକ ଅନେକ ଶୁଭେଚ୍ଛା ଓ ଅବସରକାଳୀନ ସମୟ ସୁଖ ଓ ନିରୋଗମୟ ରେ କଟୁ ଏତିକି କାମନା ।

**ସମସ୍ତ ମହିଳା ସାଥୀ ମାନଙ୍କୁ ଅନୁରୋଧ ଆଗାମୀ ୦୮ ତାରିଖ ଦିନ ଭୁବନେଶ୍ୱର ଠାରେ ହେବାକୁ ଥିବା ମହିଳା ସମ୍ମିଳନୀରେ ବହୁ ସଂଖ୍ୟାରେ ଯୋଗ ଦେଇ ସମ୍ମିଳନୀକୁ ସଫଳ କରାଇବା ହେବେ ।**

ଅଜୟ କୁମାର ମହାନ୍ତି
ସାଧାରଣ ସମ୍ପାଦକ